# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 April - 2025

*********************************

## ମୁଖ୍ୟ ସମ୍ବାଦ

- ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନଆରୋଗ୍ୟ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଆସନ୍ତାକାଲି ହେବ ଶୁଭାରମ୍ଭ
- ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେବା ସହ ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡିୟମ୍ ନିର୍ମାଣ କରିବେ; କହିଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଆ ପକ୍ଷ ପାଳନର ଦଶମ ଦିନରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ 'ଲୋକକଳା ପାଇଁ ଦିନଟିଏ' ପାଳନ କରାଯାଉଛି

ଏବଂ

- ଅଧ୍ୟୟନ, ଅଧ୍ୟାପନ ଓ ଅନୁସନ୍ଧାନର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହୋମିଓପ୍ୟାଥି ଦିବସ

*Desk*

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆସନ୍ତାକାଲି ଆୟୁଷ୍ମାନ ଭାରତ– ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ– ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାକୁ କଟକ ବାଲିଯାତ୍ରା ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଜଣ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ଯୋଗଦେବେ ।

ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୫୦ ଲକ୍ଷ ସଦସ୍ୟ ସାମିଲ ହେବେ ।  ଯୋଜନାର ପ୍ରତ୍ୟେକ ହିତାଧିକାରୀମାନଙ୍କୁ ଗୋଟିଏ ଲେଖାଏଁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ । ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ବୟସର ପ୍ରାୟ ୨୩ ଲକ୍ଷ ୧୩ ହଜାର ହିତାଧିକାରୀମାନେ ଅଲଗା ଭାବେ ଏକ ସ୍ୱତନ୍ତ୍ର କାର୍ଡ ପାଇବେ । ଏହି ଦୁଇ ଯୋଜନାର ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଡାକ୍ତରଖାନା ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

ନୂଆକାର୍ଡ ମିଳିବା ପର୍ଯ୍ୟନ୍ତ ଆଧାରକାର୍ଡ ମାଧ୍ୟମରେ ଦେୟମୁକ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି...

**- V/O -**

ରାଜ୍ୟରେ ଥିବା ୧ ହଜାର ୪୦୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ।

୧୩ଟି ଜିଲ୍ଲାରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଆୟୁଷ୍ମାନ ଭାରତ କାର୍ଡର ଶୁଭାରମ୍ଭ କରିବେ। କେନ୍ଦ୍ରାପଡାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେହିପରି ନୟାଗଡରେ ମନ୍ତ୍ରୀ ସୁରେଶ ପୂଜାରୀ, ନବରଙ୍ଗପୁରରେ ରବିନାରାୟଣ ନାଏକ, କୋରାପୁଟରେ ନିତ୍ୟାନନ୍ଦ ଗଣ୍ଡ, ଢେଙ୍କାନାଳରେ କୃଷ୍ଣଚନ୍ଦ୍ର ପାତ୍ର, ଯାଜପୁରରେ ପୃଥ୍ୱୀରାଜ ହରିଚନ୍ଦନ, ଗଞ୍ଜାମରେ ବଭୁତିଭୂଷଣ ଜେନା, ମୟୂରଭଞ୍ଜରେ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ପୁରୀରେ ସୂର୍ଯ୍ୟବଂଶୀ ସୂରଜ, ଖୋର୍ଦ୍ଧାରେ ପ୍ରଦୀପ ବଳସାମନ୍ତ, କେନ୍ଦୁଝରରେ ଗଣେଶ ରାମ ସିଂହ ଖୁଣ୍ଟିଆ ଓ ଜଗତ୍‌ସିଂହପୁରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

ରାଜ୍ୟର ୧ ହଜାର ୪୦୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏକସାଙ୍ଗରେ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

*Keonjhar*

# ମୁଖ୍ୟମନ୍ତ୍ରୀ– କେନ୍ଦୁଝରର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର  ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।  ହ୍ୟାଣ୍ଡବଲ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ୩୯ତମ ସବ୍‌ଜୁନିୟର ବାଳକ ଜାତୀୟ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେବା ସହ ପ୍ରତ୍ୟେକ ବ୍ଲକରେ ଖେଳପଡ଼ିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ୍, ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଗୁରୁତ୍ୱ ଦେଉଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ କାଳିତୀର୍ଥ ପଡ଼ିଆଠାରେ ଆୟୋଜିତ ରାଜ୍ୟ ସନାତନ ଧର୍ମ ସମ୍ମିଳନୀ ଏବଂ ୧୧୪ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞରେ ମଧ୍ୟ ଯୋଗ ଦେଇଛନ୍ତି। ଅପରାହ୍ନରେ ଶ୍ରୀ ମାଝୀ ଝୁମ୍ପୁରା ସରସ୍ୱତୀ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବରେ ଯୋଗଦେବେ।

*BHK/Sonepur/Boudh/Desk*

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ଦଶମ ଦିନରେ ଆଜି ରାଜ୍ୟର ଲୋକକଳାକୁ ବିଶ୍ୱବିଦିତ କରିବା ପାଇଁ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ପାଳନ କରାଯାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ

ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ ଆଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଲୋକକଳାକୁ ଉଦ୍‌ଜୀବିତ କରିବା ସହ ଏହାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟଠାରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଜିଲ୍ଲାର ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଳାକାରମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାର ୬ଟି ବ୍ଲକରେ ଏହି ଉତ୍ସବ ପାଳନ କରାଯାଇଛି। କଳାଗ୍ରାମ କର୍ତ୍ତଙ୍ଗଠାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଯୋଗଦେଇ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ବରିଷ୍ଠ କଳାକାରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିନିକା ଅଞ୍ଚଳର କଳାକାରଙ୍କ ଦ୍ୱାରା କରମା, ଝୁମେର, ସଞ୍ଚାର ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଭଦ୍ରକ ଜିଲ୍ଲାରେ ଏହି ଉତ୍ସବ ଅବସରରେ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗ୍ରାମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ କଳାକାରମାନଙ୍କୁ

ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉପସ୍ଥିତ ରହି ସରକାରଙ୍କର ଏହି ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଥିଲେ।

***Desk***

# ବିଶ୍ୱ ହୋମିଓପାଥି ଦିବସ

ଚିକିତ୍ସା କ୍ଷେତ୍ରରେ ବିକଳ୍ପ ପଦ୍ଧତି ଭାବେ ହୋମିଓପ୍ୟାଥିର ବ୍ୟବହାର ବିଶ୍ୱରେ ଆଦୃତ ହେବାରେ ଲାଗିଛି। ବିଶ୍ୱର ୮୦ରୁ ଅଧିକ ଦେଶରେ ଏହି ଚିକିତ୍ସା ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। ଲୋକମାନଙ୍କ ମଧ୍ୟରେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯାଉଛି। ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନ ଏପ୍ରିଲ ମାସ ୧୦ତାରିଖ ଅର୍ଥାତ୍ ଆଜିକୁ ଏହି ଦିବସ ଭାବେ ପାଳନ କରାଯାଉଛି । **ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ଅଧ୍ୟୟନ, ଅଧ୍ୟାପନ ଓ ଅନୁସନ୍ଧାନ'** । ପକ୍ଷଘାତ, ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ ଠାରୁ ଆରମ୍ଭ କରି ମଧୁମେହ, ଗ୍ୟାଷ୍ଟ୍ରିକ, ସ୍ନାୟୁରୋଗ ପର୍ଯ୍ୟନ୍ତ ହୋମିଓପ୍ୟାଥି ଚିକିତ୍ସାରେ ସୁଫଳ ମିଳିଥାଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହୋମିଓପ୍ୟାଥି ଚିକିତ୍ସାକୁ ମାନ୍ୟତା ଦେବା ସହିତ ଏହି ଚିକିତ୍ସାର ଗୁଣବତ୍ତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ହୋମିଓପ୍ୟାଥି ଡାକ୍ତରଙ୍କର ପରାମର୍ଶ ଅନୁସାରେ ଠିକ୍‌ଭାବେ ଚିକିତ୍ସିତ ହେଲେ ରୋଗୀର ରୋଗ ସମ୍ପୂର୍ଣ୍ଣଭାବେ ମୂଳୋତ୍ପାଟନ ହୋଇଥାଏ । ଏ ସମ୍ପର୍କରେ ହୋମିଓପ୍ୟାଥିକ୍ ଡାକ୍ତର ମନୋରଞ୍ଜନ ସାସମଲ ଆକାଶବାଣୀକୁ କହିଛନ୍ତି...

**- V/O -**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଯୋଗୁଁ ହୋମିଓପ୍ୟାଥି ଚିକିତ୍ସା ଦେଶରେ ସୁଫଳ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ୫୬୦ଟି ହୋମିଓପ୍ୟାଥି ଡାକ୍ତରଖାନା ଓ ଚାରିଟି ହୋମିଓପାଥି ମହାବିଦ୍ୟାଳୟ ରହିଛି ।

***Nuapada***

## ଅଭିଯୋଗ ଶୁଣାଣି

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ ଅଞ୍ଚଳ ପରିଷଦ ପରିସର ମଧ୍ୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସ୍ୱତନ୍ତ୍ର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗ୍ରୀଷ୍ମକାଳୀନ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏକ ରକ୍ତଦାନ ଶିବିର ଅନୁଷ୍ଠିତ

ହୋଇଥିବା ବେଳେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ କନ୍ୟା ପାଇଁ ଗଛଟିଏ କାର୍ଯ୍ୟକ୍ରମ କରାଯାଇଥିଲା।

*Nayagada*

## ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ମେଳା ଓ ମାଧ୍ୟମିକ ସ୍ତରରେ ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ି ଯୋଗଦେଇ ଡିଜିଟାଲ ଶିକ୍ଷାର ଗୁରୁତ୍ୱ ଏବଂ ପ୍ରତ୍ୟେକ ବିଦ୍ୟାଳୟରେ ଏହାର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ଅରୁଣ କୁମାର ସାହୁ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀତ୍ୱ ହାସଲ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ରରେ ସମ୍ମାନିତ କରାଯାଇଥିଲା।

*Puri*

## ଦୟଣା ଚୋରି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁସାରେ, ରାମକୃଷ୍ଣ' ଶ୍ରୀମନ୍ଦିରରୁ ପାଲିଙ୍କିରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିବେ। ସେଠାରେ ଦୟଣା ଉଦ୍ୟାନରୁ ରାମକୃଷ୍ଣ ଦୟଣା ଚୋରି ନୀତି

ସମ୍ପନ୍ନ କରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ଏହାପରେ ଭୋଗମଣ୍ଡପ ଘରେ ଦୟଣା ଅଧିବାସ କରି ରଖାଯିବ । ଆସନ୍ତାକାଲି ସକାଳେ ଭୋଗନୀତି ପରେ ଅଧିବାସ ହୋଇ ରହିଥିବା ଦୟଣାକୁ ମହାପ୍ରଭୁଙ୍କ ନିକଟରେ ଲାଗି କରାଯିବାର ବିଧି ରହିଛି ।

ସୂଚନାଯୋଗ୍ୟ, ଆଜି ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଓ ଶୁକ୍ରବାର ଦମନକ ଚତୁର୍ଦ୍ଦଶୀ ନୀତି ଲାଗି ଆଜି ଏବଂ ଆସନ୍ତାକାଲି ଦୁଇଦିନ' ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରଖାଯାଇଛି ।

*********************************